# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 13 February – 2026

## ପିଏମ୍-ସେବା ତୀର୍ଥ ଭବନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ସେବା ତୀର୍ଥ ଏବଂ କର୍ତ୍ତବ୍ୟ ଭବନ ୧ ଓ ୨ର ଉଦ୍‌ଘାଟନ କରିବେ। ସନ୍ଧ୍ୟାରେ ସେବା ତୀର୍ଥଠାରେ ଏକ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବେ। ଦେଶର ପ୍ରଶାସନିକ ଢ଼ାଞ୍ଚାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଏହି ଭବନ ଏକ ଆଧୁନିକ, ଦକ୍ଷ, ସୁଗମ ଏବଂ ନାଗରିକ କୈନ୍ଦ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ସେବା ତୀର୍ଥରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ୍ ସଚିବାଳୟ ରହିଛି। କର୍ତ୍ତବ୍ୟ ଭବନ ୧ ଓ ୨ରେ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପରି ଅନେକ ପ୍ରମୁଖ ମନ୍ତ୍ରଣାଳୟ କାର୍ଯ୍ୟ କରିବ।

## ଲୋକସଭା-ଶିଳ୍ପ ସଂହିତା

ଲୋକସଭାରେ ଶିଳ୍ପ ସମ୍ବନ୍ଧୀୟ ସଂହିତା ସଂଶୋଧନ ବିଧେୟକ-୨୦୨୬ ପାରିତ ହୋଇଛି। ଶ୍ରମିକମାନଙ୍କୁ ନ୍ୟୂନତମ ମଜୁରୀ ପ୍ରଦାନ କରିବା ଏବଂ ନିର୍ଦ୍ଧାରିତ ନ୍ୟୂନତମ ମଜୁରୀରେ ହ୍ରାସ କରିବା ଲାଗି ରାଜ୍ୟଗୁଡ଼ିକୁ ଅନୁମତି ନ ଦେବା ଭଳି ବ୍ୟବସ୍ଥା ଏ ସଂଶୋଧନ ବିଧେୟକରେ ରହିଛି।  ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦ରେ କେତେକ ସଂଶୋଧନ ସହିତ ଏହି ବିଧେୟକରେ ଟ୍ରେଡ୍

ୟୁନିୟନ ଆଇନ୍ ୧୯୨୬, ଶିଳ୍ପ ନିଯୁକ୍ତି ଅଧିନିୟମ ୧୯୪୬ ଏବଂ ଶିଳ୍ପ ବିବାଦ ଅଧିନିୟମ ୧୯୪୭ ବଦଳରେ ନୂତନ ସଂହିତା ୨୦୨୦ ପ୍ରଚଳନ କରାଯାଇଛି।  ନୂଆ ଶ୍ରମ ସଂହିତା ଶ୍ରମିକମାନଙ୍କ ଉପକାର କରିବ ବୋଲି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ-ଶ୍ରୀଜଗନ୍ନାଥ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନବରଙ୍ଗପୁର ଜିଲ୍ଲାରୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିବେ। ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ଆର୍ଥିକ ଅନଗ୍ରସର ନାଗରିକଙ୍କ ପାଇଁ ନିଶୁଳ୍କ ଶ୍ରୀଜଗନ୍ନାଥ ଦର୍ଶନର ସୁବିଧା ପ୍ରଦାନ ବ୍ୟବସ୍ଥା କରାଯାଇଛି। ନବରଙ୍ଗପୁର ଜିଲ୍ଲାରୁ ୧୬୦ ଜଣ ହିତାଧିକାରୀମାନଙ୍କୁ ନେଇ ୪ଟି ବସ୍ ପୁରୀ ଅଭିମୁଖେ ବାହାରିବ। ଅନ୍ୟ ଜିଲ୍ଲାରୁ ମଧ ହିତାଧିକାରୀ ଏହି ଯୋଜନାରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପୁରୀ ଅଭିମୁଖେ ଯାତ୍ରା କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ କେତେକ ପ୍ରକଳ୍ପର  ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

---

# ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ଆସନ୍ତା ୩ ମାସ ମଧ୍ୟରେ ଶେଷ କରିବା ପାଇଁ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୭୮ ମସିହାର ଅଳଙ୍କାରର ଯେଉଁ ତାଲିକା ରହିଛି ତାହାକୁ ବର୍ତ୍ତମାନର ଅଳଙ୍କାର ସହ ତାଳମେଳ କରି ଗଣତିମଣିତି ଶେଷ

କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ପାଇଁ ଗଠିତ ଜଷ୍ଟିସ୍ ରଘୁବୀର ଦାସ କମିଶନ ରିପୋର୍ଟକୁ ଆସନ୍ତା ବିଧାନସଭା ଅଧିବେଶନରେ ଦାଖଲ କରିବା ପାଇଁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପଙ୍କୋଦ୍ଧାର ଏକାଦଶୀ

ପଙ୍କୋଦ୍ଧାର ଏକାଦଶୀ ଅବସରରେ ଆଜି ପୁରୀ ଶ୍ରୀଶ୍ରୀଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନ ଅନୁଷ୍ଠିତ ହେଉଛି। ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀ ଶ୍ରୀ ଲୋକନାଥଦେବଙ୍କ ପ୍ରତ୍ୟକ୍ଷ ଶିବଲିଙ୍ଗ ଦର୍ଶନର ସୌଭାଗ୍ୟ ଆଜି ପ୍ରାପ୍ତ ହେଉଥିବା ହେତୁ ଭକ୍ତଙ୍କ ସମାଗମ ହୋଇଛି ।

ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ନୈବେଦ୍ୟ ସମେତ ପଙ୍କକୁ ଶିବରାତ୍ରୀ ପୂର୍ବରୁ କଢ଼ାଯିବ। ସୂଚନା ଅନୁଯାୟୀ, ସକାଳ ସମୟରେ ପଙ୍କୋଦ୍ଧାର ପରେ ମହାସ୍ନାନ କରାଯାଇ ସର୍ବସାଧାରଣଙ୍କ ପାଇଁ ଶିବଲିଙ୍ଗ ଦର୍ଶନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବାରିକେଡ୍ ନିର୍ମାଣ କରାଯାଇଛି।

# ଆଜି ବିଶ୍ୱ ରେଡ଼ିଓ ଦିବସ

ସମାଜର ବିକାଶରେ ରେଡ଼ିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ପୃଥିବୀର ସବୁଠାରୁ ବଡ଼ ଗଣମାଧ୍ୟମ ହିସାବରେ ଆଜି ମଧ

ରେଡିଓର ଲୋକପ୍ରିୟତା ଅତୁଟ ରହିଛି । ପ୍ରଥମ ରେଡିଓ ପ୍ରସାରଣ ୧୮୯୫ ମସିହାରେ ଗୁଗ୍ଲିଏଲୋ ମାର୍କୋନିଙ୍କ ଦ୍ୱାରା କରାଯାଇଥିଲା । ପ୍ରାୟ ୩ ଦଶନ୍ଧି ପରେ  ପୃଥିବୀର କୋଣଅନୁକୋଣରେ ରେଡିଓ ଷ୍ଟେସନ୍‌ଗୁଡ଼ିକର ସୃଷ୍ଟି ହେଲା ।  ୧୯୫୦ ଦଶକ ମଧ୍ୟରେ ରେଡିଓ ଓ ପ୍ରସାରଣ ବ୍ୟବସ୍ଥା ଏକ ସାଧାରଣ ବ୍ୟବସ୍ଥାରେ ପରିଣତ ହୋଇପାରିଥିଲା। ୨୦୧୧ ମସିହାରେ ୟୁନେସ୍କୋର ସଦସ୍ୟ ରାଷ୍ଟ୍ରମାନେ ଫେବୃୟାରୀ ୧୩ ତାରିଖକୁ ବିଶ୍ୱ ରେଡିଓ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ । ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦୧୩ରେ ଏହାକୁ ଏକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରାଯାଇଥିଲା।

ପରିବର୍ତ୍ତିତ ପରିବେଶରେ ରେଡିଓ ସମ୍ବାଦ ଏବଂ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ଗୁଡ଼ିକ ମୁଖ୍ୟ ମାଧ୍ୟମ ଭାବରେ ଲୋକପ୍ରିୟତା ବଜାୟ ରଖିଛି । ଚଳିତବର୍ଷ ରେଡିଓ ଦିବସର ବାର୍ତ୍ତା ହେଉଛି "କୃତ୍ରିମ ବୁଦ୍ଧିମତ୍ତା ଏକ ଉପକରଣ, ଏକ ସ୍ୱର ନୁହେଁ ।"

## +୨ ପ୍ରଶ୍ନପତ୍ର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଚଳିତମାସ ୧୮ ତାରିଖରୁ ଆରମ୍ଭ ହେବ । ପରିଷଦ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଆଜିଠାରୁ ୩୦ଟି ଜିଲ୍ଲାର ପରୀକ୍ଷା ପରିଚାଳନା ହବ୍‌କୁ ପ୍ରଶ୍ନପତ୍ର ପଠାଯିବ। କଡ଼ା ସୁରକ୍ଷା ଦୃଷ୍ଟିରୁ ଚଳିତବର୍ଷ ପ୍ରଶ୍ନପତ୍ର ନେବା ନିମନ୍ତେ ଗାଡ଼ିରେ ଜିପିଏସ୍ ଲଗାଯାଇଛି ।

# ହକି - ପ୍ରୋ ଲିଗ୍

ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଆର୍ଜେଣ୍ଟିନା ଭାରତକୁ ୮-୦ଗୋଲ୍‌ରେ ପରାସ୍ତ କରିଛି । ଆର୍ଜେଣ୍ଟିନା ପ୍ରଥମାର୍ଦ୍ଧରେ ୭ଟି ଓ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ୍ ଦେଇଥିଲା । ଆସନ୍ତାକାଲି ଭାରତ' ବେଲଜିୟମ ବିପକ୍ଷରେ ଏବଂ ୧୫ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବ ।

..............................................................................